# ସତ୍ୟପ୍ରକାଶ

MARCH - APRIL 2006



An Oriya Bimonthly Bulletin
Published By the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam

## CHURCH OF CHRIST

P.O.Box. No. 80, Kakinada
A.P. - 533 001.
Ph : 0884 - 2363722

**VOL.11.MARCH & APRIL 2006 (NO.2)**

Published every two months in Oriya Language for the Restoration of pure New Testament Christianity

Watch SATYA VANI on TEJA Channel Every Saturday and every Tuesday on MAA TV at 6:30 a.m. and every Thurs day on VISSA TV at 7:00 a.m. in Telugu Language.

**Speakers : Joshua Gootam & Ricky Gootam**

---

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box. 80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XI KAKINADA MAR-APR


## ଖ୍ରୀଷ୍ଟଙ୍କ ରକ୍ତ

## (Blood of Christ)

ଈଶ୍ୱର ଓ ମନୁଷ୍ୟର ସମ୍ବନ୍ଧ ମଧ୍ୟରେ ରକ୍ତର ପ୍ରାଧାନ୍ୟତା ସବୁବେଳେ ରହିଆସୁଅଛି । ପୁରାତନ ନିୟମର ସମୟରେ ମଧ୍ୟ ପଶୁବଳି ଦିଆଯାଉଥିଲା । କିନ୍ତୁ ଏହି ପଶୁବଳିଗୁଡ଼ିକ ଚିରକାଳ ନିମନ୍ତେ ପାପ ପୋଛିପାରିନଥିଲା । କାରଣ ଏବ୍ରୀ ପୁସ୍ତକର ଲେଖକ ଲେଖନ୍ତି, "ବୃଷ ଓ ଛାଗର ରକ୍ତ ଯେ ପାପ ହରଣ କରିବ ଏହା ଅସମ୍ଭବ ।" (ଏବ୍ରୀ ୧୦:୪) ଯଦି ପଶୁବଳି ପାପ ହରଣ କରିନପାରେ, ତେବେ ମନୁଷ୍ୟ କିପରି ରକ୍ଷା ପାଇପାରିବ ? ନୂତନ ନିୟମ ଅନୁସାରେ ଖ୍ରୀଷ୍ଟଙ୍କ ରକ୍ତ ସମସ୍ତଙ୍କ ନିମନ୍ତେ ଥରେ ପାତିତ ହୋଇଥିଲା ଯେ କେହି ସେହି ରକ୍ତର ନିକଟବର୍ତ୍ତୀ ହୁଏ ସେ ଆପଣା ପାପଠାରୁ ଧୌତ ହୋଇପାରିବ ।

ମନୁଷ୍ୟ ନିଜେ ପାପୀ ହୋଇଥିବାରୁ ଆପଣାକୁ ଆପେ ରକ୍ଷା କରିପାରିବ ନାହିଁ । ତେଣୁ ପାଉଲ କହିଲେ, "ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।" (ରୋମୀ ୫:୮) ପୁନର୍ବାର ସେ (୧ମ କରି ୧୫:୩) ଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗିଲେ ବୋଲି କହନ୍ତି । ସେ କ୍ରୁଶୀୟ ମୃତ୍ୟୁ ଭୋଗିଲେ (ଫିଲିପ୍ପୀ ୨:୮) ତାହାଙ୍କ ଏହି ରକ୍ତପାତ ଦ୍ୱାରା ଆମ୍ଭେମାନେ ପାପକ୍ଷମା ପାଇପାରିବା । ପ୍ରଶ୍ନହେଲା ଅନେକ ଧାର୍ମିକ ବ୍ୟକ୍ତି ବିଶ୍ୱାସ ଦ୍ୱାରା ସେହି ରକ୍ତର ନିକଟବର୍ତ୍ତୀ ହୋଇପାରିବା ବୋଲି ଭାବନ୍ତି । ବିଶ୍ୱାସ ଆବଶ୍ୟକ, କିନ୍ତୁ କେବଳ ବିଶ୍ୱାସହିଁ ଯଥେଷ୍ଟ ନୁହେଁ, ବାଇବଲ ଅଧ୍ୟୟନ ଦ୍ୱାରା ଆମ୍ଭମାନେ ଜାଣିପାରୁ ଯେ, ତାହାଙ୍କ ଆଜ୍ଞାବହ ହୋଇ (ଏବ୍ରୀ ୫:୮-୯) ବାକ୍ୟର ପାଳନକାରୀ ହୋଇ ତାହାଙ୍କ

ଆଜ୍ଞା ସବୁ ପାଳନ (ଯୋହ ୧୪:୧୫) କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ତେଣୁ ତାହାଙ୍କ ଆଜ୍ଞାବହ ହେବା ଦ୍ୱାରା ତାହାଙ୍କ ରକ୍ତର ନିକଟବର୍ତ୍ତୀ ହୋଇପାରିବୁ ବୋଲି ଏଥିଦ୍ୱାରା ଜାଣିପାରୁ । ତାହାହେଲେ ସେ ଆମ୍ଭମାନଙ୍କୁ କେଉଁ ଆଜ୍ଞାଗୁଡ଼ିକ ଦେଇଅଛନ୍ତି ? ତାହାଙ୍କ ଆଜ୍ଞାଗୁଡ଼ିକ ବାଇବଲ ଅଧ୍ୟୟନ ଦ୍ୱାରା ଜାଣିପାରିବା । ଯେପରି କି ସେ କହିଲେ,"ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) ଯେଣୁ ଯୀଶୁ କହିଲେ ଯେ କେହି ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, ଅର୍ଥାତ୍ ଏହି ଆଜ୍ଞା ପାଳନ କରିବା ଦ୍ୱାରା ତାହାଙ୍କ ନିକଟବର୍ତ୍ତୀ ହୋଇ ଆମ୍ଭେମାନେ ଆପଣା ଆପଣା ପାପରୁ ଧୌତ ହୋଇପାରିବା । ପୁନର୍ବାର ପ୍ରେରିତ ପିତର ପାପମୟ ଜନସମାଜକୁ କହିଲେ, "ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନପ୍ରାପ୍ତ ହେବେ ।" (ପ୍ରେରି ୨:୩୮) ପାପକ୍ଷମା ପାଇବା ନିମନ୍ତେ ଜଣକୁ ବାପ୍ତିସ୍ମ ନେବାକୁ ହେବ ବୋଲି ଏହି ପଦରୁ ଜାଣିପାରୁ । ଖ୍ରୀଷ୍ଟ ଗୋଟିଏ ପରିପୂର୍ଣ୍ଣ ସଜୀବ ବଳିରୂପେ ଆପଣାକୁ ଉତ୍ସର୍ଗ କଲେ । ମନୁଷ୍ୟର ପାପକ୍ଷମା ନିମନ୍ତେ ଯେଣୁ ସେ ଆପଣାକୁ ଉତ୍ସର୍ଗ କଲେ, ଆମ୍ଭେମାନେ ସେହି ରକ୍ତର ନିକଟବର୍ତ୍ତୀ ହେବା ଦ୍ୱାରା ପାପକ୍ଷମା ପାଇପାରୁ । ପାଉଲଙ୍କ ମନ ପରିବର୍ତ୍ତନର ସମୟରେ, ପ୍ରଚାରକ ତାଙ୍କୁ ଆସି କହିଲେ,"ଆଉ ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ ।" (ପ୍ରେରି ୨୨:୧୬) ତେବେ ବାପ୍ତିସ୍ମ ଆମ୍ଭମାନଙ୍କ ପାପ ସବୁ କିପରି ଧୋଇ ପାରିବ ? ଜଳକୁ ପ୍ରାଧାନ୍ୟତା ଦିଆଯାଏ ନାହିଁ, କିନ୍ତୁ ପ୍ରାଧାନ୍ୟତା ତାହାଙ୍କ ଆଜ୍ଞାପାଳନ କରିବାରେ ଦିଆଯାଇଛି ।" ତେଣୁ ତାହାଙ୍କ ଆଜ୍ଞାପାଳନ କରିବା ଦ୍ୱାରା ଆମ୍ଭମାନଙ୍କ ପାପସବୁ ଧୌତ ହୁଏ ।

ରୋମୀୟ ୬:୩-୬ରେ ଲେଖାଯାଏ,"ଆମ୍ଭେମାନେ ଯେତେଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ । ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥିତ ହେଲେ ଆମ୍ଭେମାନେ

ମଧ୍ୟ ସେହିପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ, କାରଣ ଯଦି ଆମ୍ଭେମାନେ ତାହାଙ୍କ ମୃତ୍ୟୁର ସାଦୃଶ୍ୟରେ ମୃତ୍ୟୁଭୋଗ କରି ତାହାଙ୍କ ସହିତ ଏକୀଭୂତ ହୋଇଅଛୁ, ତାହାହେଲେ ନିଶ୍ଚୟ ତାହାଙ୍କ ପୁନରୁତ୍ଥାନର ସାଦୃଶ୍ୟରେ ମଧ୍ୟ ଉତ୍ଥିତ ହୋଇ ତାହାଙ୍କ ସହିତ ଏକୀଭୂତ ହେବା ଯେପରି ଆମ୍ଭେମାନେ ଆଉ ପାପର ଦାସତ୍ୱରେ ନ ରହୁ, ଏଥିପାଇଁ ପାପର ଶରୀର ବିନଷ୍ଟ ହେବା ନିମନ୍ତେ ଆମ୍ଭମାନଙ୍କର ପୁରାତନ ସ୍ୱଭାବ ଯେ ତାହାଙ୍କ ସହିତ କ୍ରୁଶରେ ହତ ହୋଇଅଛି, ଏହା ତ ଆମ୍ଭେମାନେ ଜାଣୁ ।'' ଏଠାରେ ସେ କଅଣ କରିଅଛନ୍ତି ? ପାଉଲଙ୍କ ଅନୁଯାୟୀ ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କ ମୃତ୍ୟୁର ନିକଟବର୍ତ୍ତୀ ହୋଇପାରିବା ଅଥବା ତାହାଙ୍କ ମୃତ୍ୟୁର ଲାଭ ଆମ୍ଭେମାନେ ପାଇପାରିବା । ଅନ୍ୟପକ୍ଷରେ କହିବାକୁ ଗଲେ ତାହାଙ୍କ ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କ ରକ୍ତର ନିକଟବର୍ତ୍ତୀ ହୋଇ ଆପଣା ଆପଣା ପାପରୁ ଧୌତ ହୋଇପାରିବା । ଏଫି ୧:୭ ଅନୁଯାୟୀ ଆମ୍ଭେମାନେ ତାହାଙ୍କ ରକ୍ତପାତିତ ହୋଇଅଛି । ଏହି ଉପରଲିଖିତ ପଦଗୁଡ଼ିକ ପ୍ରେରି ୨:୩୮ ଏବଂ ମାର୍କ ୧୬:୧୬ରେ ଲିଖିତ ପଦଗୁଡ଼ିକ ସହିତ ସମ୍ମତ ହୁଏ । ଅତଏବ, ଆମ୍ଭେମାନେ ତାହାଙ୍କର ଏହି ଆଜ୍ଞାଗୁଡ଼ିକ ପାଳନ କରିବା ଦ୍ୱାରା ତାହାଙ୍କ ରକ୍ତର ନିକଟବର୍ତ୍ତୀ ହୋଇପାରିବା । ଏହାଛଡ଼ା ଆଉ କୌଣସି ରାସ୍ତା ନାହିଁ ।

ଖ୍ରୀଷ୍ଟଙ୍କ ରକ୍ତ ସମ୍ବନ୍ଧରେ ଅନ୍ୟ କେତେକ ବିଷୟ ଦେଖିବାକୁ ପାଇପାରୁ ।

୧. ନୂତନ ନିୟମ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ମୁଦ୍ରାଙ୍କନ ହୋଇଅଛି । (ମାଥି ୨୬:୨୮)
୨. ଖ୍ରୀଷ୍ଟଙ୍କ ରକ୍ତ, ଯିହୁଦୀ ଓ ବିଜାତୀୟମାନଙ୍କ ମଧ୍ୟରେ ଥିବା ବିଚ୍ଛେଦ ପ୍ରାଚୀର ଭାଙ୍ଗି ଦେଇଅଛି । (ଏଫି ୨:୧୩-୧୪)
୩. ଆମ୍ଭେମାନେ ତାହାଙ୍କ ରକ୍ତ ଦ୍ୱାରା ଧାର୍ମିକଗଣିତ ହୋଇଅଛୁ । (ରୋମୀ ୫:୯)
୪. ତାହାଙ୍କ ରକ୍ତ ଦ୍ୱାରା ଆମ୍ଭେମାନେ ମୁକ୍ତି ପାଇଅଛୁ । (କଲ ୧:୧୪)
୫. ତାହାଙ୍କ ରକ୍ତ ଦ୍ୱାରା ମଣ୍ଡଳୀ କ୍ରୀତ ହୋଇଅଛି । (ପ୍ରେରି ୨୦:୨୮)
୬. ତାହାଙ୍କ ରକ୍ତ ଦ୍ୱାରା ଶାନ୍ତିସ୍ଥାପିତ ହୋଇଅଛି । (କଲ ୧:୨୦)
୭. ତାହାଙ୍କ ରକ୍ତ ଦ୍ୱାରା ପାପୀ ପରିତ୍ରାଣ ପାଏ । (୧ମ ପିତ ୧:୧୮-୧୯)
୮. ଖ୍ରୀଷ୍ଟଙ୍କ ରକ୍ତ ସମସ୍ତ ପାପ ଧୌତ କରେ । (୧ମ ଯୋହ ୧:୭)
୯. ତାହାଙ୍କ ରକ୍ତ ଦ୍ୱାରା ଆମ୍ଭେମାନେ ଆମ୍ଭମାନଙ୍କ ପାପ ଠାରୁ ଧୌତ ହୋଇଅଛୁ । (ପ୍ରକା ୧:୫)

୧୦. ସେହି ମେଷଶାବକଙ୍କ ରକ୍ତ ଦ୍ୱାରା ବସ୍ତ୍ରଗୁଡ଼ିକ ଧୌତ ହୋଇଅଛି । (ପ୍ରକା ୭:୧୪)

୧୧. ପ୍ରଭୁଭୋଜ ନେବା ସମୟରେ ଆମ୍ଭେମାନେ ତାହାଙ୍କ ରକ୍ତ ସ୍ମରଣ କରୁ । (ମାଥି ୨୬:୨୬-୨୮)

ଖ୍ରୀଷ୍ଟଙ୍କ ରକ୍ତ ସମ୍ବନ୍ଧରେ ଆପଣଙ୍କ ଉଦ୍ଦେଶ୍ୟ କ'ଣ ? ତାହାର ନିକଟବର୍ତ୍ତୀ ହେବା ନିମନ୍ତେ ଆପଣ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇଅଛନ୍ତି କି ? ଯଦି ନୁହେଁ, ଆପଣ ଏବେ ମଧ୍ୟ ଆପଣା ପାପରେ ରହିଅଛନ୍ତି । ଆପଣ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ ସେହି ରକ୍ତର ନିକଟବର୍ତ୍ତୀ ହେଲେ ପରିତ୍ରାଣ ପ୍ରାପ୍ତ ହେବେ । ତପୂରେ ତାହାଙ୍କ ରକ୍ତକ୍ରୀତ ମଣ୍ଡଳୀରେ ସଂଯୁକ୍ତ ହୋଇପାରିବେ । ଜଣେ ପ୍ରକୃତ ଖ୍ରୀଷ୍ଟିୟାନ ସ୍ୱରୂପ ପ୍ରତ୍ୟେକ ସପ୍ତାହ ପ୍ରଭୁଭୋଜ ନେବା ସମୟରେ ଖ୍ରୀଷ୍ଟଙ୍କ ରକ୍ତ ସ୍ମରଣ କରିପାରିବେ । ସେ ଜ୍ୟୋତିର୍ନିବାସୀ ହୋଇଥିବାରୁ ଆପଣ ମଧ୍ୟ ଜ୍ୟୋତିରେ ଗମନ କଲେ, ଖ୍ରୀଷ୍ଟଙ୍କ ରକ୍ତ ଆପଣଙ୍କର ସମସ୍ତ ପାପ ଧୌତ କରି ସମସ୍ତ ଦୁଷ୍ଟତାରୁ ପବିତ୍ର କରି ଆପଣଙ୍କୁ ଅନନ୍ତ ଜୀବନରୂପକ ପୁରସ୍କାର ନିମନ୍ତେ ସାଇତି ରଖିବେ । ପ୍ରକୃତରେ ଖ୍ରୀଷ୍ଟଙ୍କ ରକ୍ତରେ ଶକ୍ତି ଅଛି ।

***- J.C. Choate***

❋❋❋

# ପରମେଶ୍ୱରଙ୍କ ବନ୍ଧୁ
## (Friend of the God)

ଜଗତର ଅନେକ ଗୋଷ୍ଠୀର ଆଦିପିତା ଅବ୍ରାହମ ଅସାମାନ୍ୟ ବ୍ୟକ୍ତିତ୍ୱର ଅଧିକାରୀ । ସେ କଲଦୀୟ ଦେଶର ଉର ନାମକ ନଗରବାସୀ ଥିଲେ । ସଦାପ୍ରଭୁ ପରମେଶ୍ୱର ତାହାଙ୍କୁ ଆପଣା ଦେଶ ଓ ଜ୍ଞାତି, କୁଟୁମ୍ବ ଓ ପୈତୃକ ଗୃହ ତ୍ୟାଗ କରି ସେ ମନୋନୀତ କରିଥିବା କିଣାନ ଦେଶକୁ ପ୍ରସ୍ଥାନ କରିବା ନିମନ୍ତେ ଆଜ୍ଞା ଦେଇଥିଲେ । ପରମେଶ୍ୱରଙ୍କ ଆଜ୍ଞା ପ୍ରମାଣେ, ଅବ୍ରାହମ ଆପଣା ଭାର୍ଯ୍ୟା ସାରା ଓ ଜ୍ଞାତିକୁଟୁମ୍ବଙ୍କ ସହିତ କିଣାନ ଦେଶ ଅଭିମୁଖେ ଯାତ୍ରା କଲେ । ଅନେକ ସୁଗୁଣ ଓ ମହାନ ବ୍ୟକ୍ତିତ୍ୱର ଅଧିକାରୀ ଅବ୍ରାହମ ଅନେକ ଜାତିର ଆଶୀର୍ବାଦର ଆକାର ଅଟନ୍ତି । ତାହାଙ୍କ ଗୁଣଗାନ ବାଇବଲର ଅନେକ ପୃଷ୍ଠାରେ ପଢ଼ିଥାଉଁ ।

ସର୍ବପ୍ରଥମେ, ପରମେଶ୍ୱରଙ୍କ ଠାରେ ସେ ବିଶ୍ୱାସ କରି ପରମେଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଗଣିତ ହୋଇଥିଲେ । "ଅବ୍ରାହମ ଈଶ୍ୱରଙ୍କ ଠାରେ ବିଶ୍ୱାସ କଲେ, ଆଉ ତାହାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା ।" (ରୋମୀୟ ୪:୩) ଆଦିପିତା ଅବ୍ରାହମଙ୍କ ପ୍ରାର୍ଥନାଶୀଳ ଜୀବନ ଆମ୍ଭମାନଙ୍କ ଅନୁସରଣୀୟ । ବାକ୍ୟ କହେ, "....ସେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞବେଦୀ ନିର୍ମାଣ କରି ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କଲେ ।" (ଆଦି ୧୨:୮) ।"....ପୂର୍ବ ନିର୍ମିତ ଯଜ୍ଞବେଦୀ ନିକଟରେ ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କଲେ ।" (ଆଦି ୧୩:୮) ଅବ୍ରାହମ ବେରଶେବା ନିକଟରେ ଏକ ଝାଉଁବୃକ୍ଷ ରୋପଣ କରି, "ସେହି ସ୍ଥାନରେ ଅନାଦି ଅନନ୍ତ ପରମେଶ୍ୱର ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କଲେ ।" (ଆଦି ୨୧:୩୩) ସଦାପ୍ରଭୁଙ୍କ ଆଜ୍ଞାନୁକ୍ରମେ, ମୋରିୟା ଦେଶସ୍ଥ ଏକ ଉଚ୍ଚ ପର୍ବତ ଉପରେ, ଆପଣା ପୁତ୍ର ଇସ୍‌ହାକଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳିଦେବାକୁ ପଛଘୁଞ୍ଚା ଦେଇନଥିଲେ ।

ଅବ୍ରାହମ ଏକ ପରାକ୍ରମୀ ରାଜା ବୋଲି ହେତର ସନ୍ତାନମାନେ ସମ୍ମତି ପ୍ରକାଶ କରିଥିଲେ । (ଆଦି ୨୩:୬) ସେ କଦର୍ଲୋୟୋମର ଓ ତାଙ୍କର ସହାୟ ରାଜଗଣ ବିରୁଦ୍ଧରେ ବିଜୟୀ ହେବା ସମୟରେ ଶାଲେମର ରାଜା ମଲକୀଷେଦକ୍ ସର୍ବୋପରିସ୍ଥ ପରମେଶ୍ୱରଙ୍କ ଯାଜକ, ତାହାଙ୍କୁ ଆଶୀର୍ବାଦ କରିଥିଲେ । ଗରାରର ରାଜା ଅବିମେଲକ ଅବ୍ରାହମଙ୍କ ସୁନ୍ଦରୀ ଭାର୍ଯ୍ୟା ସାରାଙ୍କୁ ଅପହରଣ କରିଥିବାରୁ, ସଦାପ୍ରଭୁ ଅବିମେଲକଙ୍କୁ ସ୍ୱପ୍ନଯୋଗେ ଦର୍ଶନ ଦେଇ କହିଲେ, "....ଏ ହେତୁ ଏବେ ସେହି ମନୁଷ୍ୟର ଭାର୍ଯ୍ୟାକୁ ଫେରାଇ ଦିଅ, ଯେହେତୁ ସେ ଭବିଷ୍ୟଦବକ୍ତା, ସେ ତୁମ୍ଭଲାଗି ପ୍ରାର୍ଥନା କରିବ, ତହିଁରେ ତୁମ୍ଭେ ବଞ୍ଚିବ.... (ଆଦି ୨୦:୭) ।

ସଦାପ୍ରଭୁ ପରମେଶ୍ୱର ଅବ୍ରାହମଙ୍କୁ ପ୍ରତିଜ୍ଞା କରି କହିଥିଲେ, "ଆମ୍ଭେ ତୁମ୍ଭଠାରୁ ଏକ ମହାଗୋଷ୍ଠୀ ଉତ୍ପନ୍ନ କରିବା, ପୁଣି ଆମ୍ଭେ ତୁମ୍ଭକୁ ଆଶୀର୍ବାଦ କରି ତୁମ୍ଭର ନାମ ମହତ୍ କରିବା ତୁମ୍ଭେ ଆଶୀର୍ବାଦର ଆକର ହେବ ।" (ଆଦି ୧୨:୨-୩) ଅବ୍ରାହମ ସଦାପ୍ରଭୁଙ୍କ ବାକ୍ୟରେ ବିଶ୍ୱାସ କଲେ ଓ ତାହାଙ୍କ ଆଜ୍ଞା ପାଳନ କରି ଆଶୀର୍ବାଦର ଆକର ହେଲେ । ବିଶ୍ୱାସର ପିତା ଅବ୍ରାହମଙ୍କ ଦ୍ୱାରା ଆମ୍ଭେମାନେ କିପରି ଆଶୀର୍ବାଦପ୍ରାପ୍ତ ହୋଇପାରିବା ? ପ୍ରେରିତ ପାଉଲ ଗାଲାତୀ ମଣ୍ଡଳୀକୁ କହନ୍ତି, "ଯେପରି ଅବ୍ରାହମ ଈଶ୍ୱରଙ୍କୁ ବିଶ୍ୱାସ କଲେ, ଆଉ ତାହାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା । ଅତଏବ, ଯେଉଁମାନେ ବିଶ୍ୱାସୀ, ସେମାନେ ଅବ୍ରାହମଙ୍କର ସନ୍ତାନ ।"

(ଗାଲାତୀ ୩:୫,୬) ଯାକୁବ କହନ୍ତି,"କିନ୍ତୁ ହେ ନିର୍ବୋଧ ମନୁଷ୍ୟ, କର୍ମବିନା ବିଶ୍ୱାସ ଯେ ନିଷ୍ଫଳ, ଏହା କଅଣ ଜାଣିବାକୁ ଇଚ୍ଛା କରୁଅଛ ? ଆମ୍ଭମାନଙ୍କ ପିତା ଅବ୍ରାହମ ବେଦୀ ଉପରେ ଆପଣା ପୁତ୍ର ଉତ୍ସର୍ଗ କରିବା ବେଳେ କଅଣ କର୍ମଦ୍ୱାରା ଧାର୍ମିକ ଗଣିତ ହୋଇନଥିଲେ ? ତୁମ୍ଭେ ଦେଖୁଅଛ ଯେ, ବିଶ୍ୱାସ ତାହାଙ୍କ କର୍ମର ସହକାରୀ ଥିଲା, ଆଉ କର୍ମଦ୍ୱାରା ବିଶ୍ୱାସ ସିଦ୍ଧ ହେଲା, ସେଥିରେ ଶାସ୍ତ୍ରର ଏହି ବାକ୍ୟ ସଫଳ ହେଲା, ଅବ୍ରାହମ ଈଶ୍ୱରଙ୍କଠାରେ ବିଶ୍ୱାସ କଲେ ଆଉ ତାହାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା, ପୁଣି ସେ ଈଶ୍ୱରଙ୍କ ମିତ୍ର ବୋଲି ଖ୍ୟାତ ହେଲେ ।" (ଯାକୁବ ୨:୨୦-୨୩)

ପ୍ରାର୍ଥନାଶୀଳ, ବିଶ୍ୱାସୀ, ଆଜ୍ଞାପାଳନକାରୀ, ପରାକ୍ରାନ୍ତ ରାଜା ଭାବବାଦୀ ଅବ୍ରାହମ ତାହାଙ୍କ ଅସାଧାରଣ ବ୍ୟକ୍ତିତ୍ୱ ଯୋଗୁଁ ପରମେଶ୍ୱରଙ୍କ ବନ୍ଧୁରୂପେ ପରିଚିତ ଅଟନ୍ତି । ଆମ ସହରର ଏକ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହିତ ବନ୍ଧୁତ୍ୱ କରିବା ଆମ୍ଭମାନଙ୍କୁ କେତେ ଗୌରବମୟ ବିଷୟ ! ଦେଶର ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀ ଆମ୍ଭମାନଙ୍କୁ ବନ୍ଧୁ ବୋଲି ମନେ କଲେ ଆମ୍ଭମାନଙ୍କ ନିମନ୍ତେ ତାହା କେତେ ଗର୍ବର ବିଷୟ ? ସର୍ବଶକ୍ତିମାନ, ସର୍ବସୃଷ୍ଟିକର୍ତ୍ତା, ରକ୍ଷାକର୍ତ୍ତା, ପାଳନକର୍ତ୍ତାଙ୍କୁ ବନ୍ଧୁରୂପେ ପାଇବା ତା'ଠାରୁ ଅଧିକ ଶ୍ରେଷ୍ଠତର ବିଷୟ । ସଦାପ୍ରଭୁ ଆପେ ଅବ୍ରାହମଙ୍କୁ ଆପଣା ବନ୍ଧୁରୂପେ ପରିଚିତ କରନ୍ତି, "......ହେ ଆମ୍ଭର ଦାସ ଇସ୍ରାଏଲ୍, ଆମର ମନୋନୀତ ଯାକୁବ, ଆମ୍ଭର ବନ୍ଧୁ ଅବ୍ରାହମର ବଂଶ......." (ଯିଶାଇୟ ୪୧:୮) ମୋୟାବ ସନ୍ତାନଗଣ ଓ ଆମ୍ମୋନ ସନ୍ତାନଗଣ ଯିହୂଦା ଦେଶ ପ୍ରତିକୂଳରେ ଯୁଦ୍ଧ ସଜାଇବା ସମୟରେ ଯିହୋଶାଫଟ୍ ଭୀତ ହୋଇ ସଦାପ୍ରଭୁଙ୍କ ଠାରେ ପ୍ରାର୍ଥନା କରି କହିଲେ,"ହେ ଆମ୍ଭମାନଙ୍କ ପରମେଶ୍ୱର, ତୁମ୍ଭେ କ'ଣ ଆପଣା ଲୋକ ଇସ୍ରାଏଲ୍ ସମ୍ମୁଖରୁ ଏହି ଦେଶ ନିବାସୀମାନଙ୍କୁ ତଡ଼ି ଦେଇ ଅନନ୍ତକାଳ ନିମନ୍ତେ ଆପଣା ମିତ୍ର ଅବ୍ରାହମଙ୍କ ବଂଶକୁ ଦେଇନାହିଁ ?" (ଦ୍ୱି.ବଂ. ୨୦:୭)

ଆମ୍ଭେମାନେ ମଧ୍ୟ ଅବ୍ରାହମଙ୍କ ସଦୃଶ୍ୟ ପରମେଶ୍ୱରଙ୍କ ବନ୍ଧୁରୂପେ ପରିଗଣିତ ହେବାର ସୁଯୋଗ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ଦେଇଅଛନ୍ତି । "ମୁଁ ଯେପରି ତୁମ୍ଭମାନଙ୍କୁ ପ୍ରେମ କରିଅଛି, ତୁମ୍ଭେମାନେ ସେହିପରି ପରସ୍ପରକୁ ପ୍ରେମ କର । ଏହା ମୋହର ଆଜ୍ଞା....ମୁଁ ତୁମ୍ଭମାନଙ୍କୁ ଯେଉଁ ଆଜ୍ଞା ଦେଉଅଛି, ତାହା ଯଦି ପାଳନ କର, ତେବେ ତୁମ୍ଭେମାନେ ମୋହର ବନ୍ଧୁ ।" (ଯୋହନ ୧୫:୧୨ ଓ ୧୪) । "ଈଶ୍ୱରଙ୍କୁ ପ୍ରେମ

କରିବାର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞାସବୁ ଭାରସ୍ୱରୂପ ନୁହେଁ ।'' (୧ମ ଯୋହନ ୫:୩)

ଆପଣ କି ଅବ୍ରାହମଙ୍କ ସଦୃଶ୍ୟ ଈଶ୍ୱରଙ୍କ ବନ୍ଧୁରୂପେ ପାଇବାକୁ ଆକାଂକ୍ଷିତ । ତାହାଙ୍କ ବାକ୍ୟ ପାଳନ କର ! ତାହାଙ୍କ ବାକ୍ୟ ବା ଆଜ୍ଞା ଭାର ସ୍ୱରୂପ ନୁହେଁ । ଆପଣ କି ଯୀଶୁଖ୍ରୀଷ୍ଟଙ୍କୁ ବନ୍ଧୁରୂପେ ପାଇବାକୁ ଆକାଂକ୍ଷିତ, ପରସ୍ପରକୁ ପ୍ରେମ କର ! ଯୀଶୁଖ୍ରୀଷ୍ଟଙ୍କ ସହିତ ମିତ୍ରତା ନକଲେ, ଆମ୍ଭେମାନେ ଆମ୍ଭମାନଙ୍କ ଜୀବନଯାତ୍ରାର ଶେଷରେ ଅବ୍ରାହମଙ୍କ କୋଳରେ ସ୍ଥାନ ପାଇପାରିବା ନାହିଁ ।

*- Kabita Gootam*

❋❋❋

# କାର୍ଯ୍ୟରେ ଖ୍ରୀଷ୍ଟିୟାନ୍
## (Christianity in Action)

ଆମ୍ଭମାନଙ୍କ ଯେଉଁ ବନ୍ଧୁମାନେ ବିନଷ୍ଟର ପଥର ଯାତ୍ରୀ ସେମାନଙ୍କ ବିଷୟ ଆମେ ଚିନ୍ତା କରୁ । ସେମାନେ ଅନନ୍ତକାଳୀନ ଦଣ୍ଡ ଯେପରି ନପାଆନ୍ତି ସେ ବିଷୟ ଚାହୁଁ । ସେମାନଙ୍କ ସହ ବାଇବଲ ଅଧ୍ୟୟନ କେଉଁଠାରୁ ଆରମ୍ଭ କରିବା । ଯୀଶୁଙ୍କ ବିଷୟ ସେମାନଙ୍କୁ କିପରି କହିବା ? କେବଳ ସୁସମାଚାର ସେମାନଙ୍କୁ ଜଣାଇବା । କେଉଁ ବିଷୟ ସେମାନଙ୍କୁ ଉତ୍ତମରୂପେ ସାହାଯ୍ୟ କରିବ ? କେବଳ ଶାସ୍ତ୍ର ପଠନ କରନ୍ତୁ ଓ ପ୍ରଶ୍ନ ପଚାରି ଆଗକୁ ନିଅନ୍ତୁ ।

- ଯୀଶୁ କୁମାରୀ କନ୍ୟାଙ୍କ ଠାରୁ ଜନ୍ମ ହେଲେ । (ମାଥିଉ ୧:୧୮-୨୬)
- ସେ ପରମେଶ୍ୱରଙ୍କ ସନ୍ତାନ । (ମାଥିଉ ୩:୧୩-୧୭)
- ସେ ଆଶ୍ଚର୍ଯ୍ୟ କାର୍ଯ୍ୟ କଲେ । (ମାଥିଉ ମାର୍କ ୧:୨-୬,ଯୋହନ ୨୦:୩୦-୩୧)
- ସେ ପାଣିକୁ ଦ୍ରାକ୍ଷାରସ କଲେ । (ଯୋହନ ୨:୧-୧୧) ପ୍ରକୃତି ଉପରେ ତାହାଙ୍କର କ୍ଷମତା ଅଛି ।
- ସେ ଜଣେ ଉଚ୍ଚପଦସ୍ଥ ଅଫିସରଙ୍କ ପୁଅକୁ ସୁସ୍ଥ କଲେ । (ଯୋହନ ୪:୪୬-୫୪) ତାହାଙ୍କ ସମୟ ଓ ଦୂରତ୍ୱ ଉପରେ କ୍ଷମତା ଅଛି ।
- ସେ ଜଣେ ପକ୍ଷାଘାତ ରୋଗୀକୁ ସୁସ୍ଥ କଲେ (ଯୋହନ ୫:୨-୧୮) ତାହାଙ୍କ ରୋଗ ଉପରେ କ୍ଷମତା ଅଛି ।

- ସେ ପାଞ୍ଚ ହଜାରଙ୍କୁ ଭୋଜନ ଦେଲେ । (ଯୋହନ ୬:୧-୧୫) ତାହାଙ୍କ ମନୁଷ୍ୟର ଆବଶ୍ୟକତା ପୂର୍ଣ୍ଣ କରିବାକୁ କ୍ଷମତା ଅଛି ।
- ସେ ଗାଲିଲିର ସମୁଦ୍ର ଉପରେ ଚାଲିଲେ । (ଯୋହନ ୬:୧୬-୨୧) ତାହାଙ୍କ ପ୍ରକୃତି ଉପରେ କ୍ଷମତା ଅଛି ।
- ସେ ଜନ୍ମରୁ ଅନ୍ଧକୁ ଦୃଷ୍ଟିଶକ୍ତି ଦେଲେ । (ଯୋହନ ୯) ତାହାଙ୍କ ଶରୀର ଉପରେ କ୍ଷମତା ଅଛି ।
- ସେ ଲାଜାରଙ୍କୁ ମୃତ୍ୟୁରୁ ଉଠାଇଲେ । (ଯୋହନ ୧୧:୧-୪୩) ତାହାଙ୍କ ମୃତ୍ୟୁ ଉପରେ ଅଧିକାର ଅଛି ।
- ସେ ପାପବିହୀନ ଜୀବନଯାପନ କଲେ । (ଏବ୍ରୀ ୪:୧୪-୧୬)
- ସେ କୃଶାର୍ପିତ ହେଲେ (ମାଥିଉ ୨୭:୨୭-୫୪)
- ସେ ମୃତ୍ୟୁକୁ ଜୟ କରି ଉଠିଲେ । (ମାଥିଉ ୨୮:୧-୧୦)
- ସେ ସ୍ୱର୍ଗକୁ ନୀତ ହେଲେ । (ପ୍ରେରିତ ୧:୬-୧୧)
- ସେ ତାଙ୍କର ଅନୁଗମନକାରୀମାନଙ୍କ ସକାଶେ ଆସୁଅଛନ୍ତି । (ପ୍ରେରିତ ୧:୧୧, ଯୋହନ ୧୪:୧-୩)

ଆମେ ଆମର ବନ୍ଧୁଙ୍କୁ ଯୀଶୁଙ୍କ ବିଷୟ କହିଲା ପରେ, ଅନ୍ୟ ବିଷୟ କହିପାରିବା । ବାଇବଲ କିପରି ଖ୍ରୀଷ୍ଟିୟାନ ଜୀବନ ନିମନ୍ତେ ପଥପ୍ରଦର୍ଶକ ଓ ସତ୍ୟ ଅଟେ ତାହା ଜଣାଇବା । ଆମ ପାପର ସମସ୍ୟା, ଆଗାମୀ ଦିନର ବିଚାର ବିଷୟ ଏବଂ ପ୍ରଭୁଯୀଶୁ କୃଶରେ ବଳି ଦ୍ୱାରା ଆମ୍ଭମାନଙ୍କ ସ୍ଥାନ ନେଇ ଆଗାମୀ ପାପର ବିଚାରରୁ ମୁକ୍ତ କରିବା ବିଷୟ ଜଣାଇବା । ବିଶ୍ୱାସ, ବାଧ୍ୟତା, ମନ ପରିବର୍ତ୍ତନ, ସ୍ୱୀକାର ଓ ବାପ୍ତିସ୍ମ ଦ୍ୱାରା ପରମେଶ୍ୱର ଆମ ପରିତ୍ରାଣ ସକାଶେ ଦେଇଥିବା ପଥ ଅବଲମ୍ବନ କରିବାକୁ ଶିକ୍ଷାଦେବା । ଆମେ ମଣ୍ଡଳୀ, ଉପାସନା, ଖ୍ରୀଷ୍ଟିୟ ଜୀବନ ବିଷୟରେ ବାଇବଲ ଅଧ୍ୟୟନ ଦେବା । ଏହି ସମସ୍ତ ବିଷୟ କହିବା ପୂର୍ବେ ଯୀଶୁଙ୍କ ବିଷୟ କହିବା ବହୁତ ଆବଶ୍ୟକ ଅଟେ । "ସେମାନେ ପ୍ରତିଦିନ ମନ୍ଦିରରେ ଓ ଘରେ ଘରେ ଶିକ୍ଷା ଦେବାକୁ ଓ ଯୀଶୁ ଯେ ଖ୍ରୀଷ୍ଟ ଏହି ସୁସମାଚାର ପ୍ରଚାର କରିବାରୁ କ୍ଷାନ୍ତ ହେଲେ ନାହିଁ । (ପ୍ରେରିତ ୫:୪୨)

*- Kerry Holton*

❋❋❋

(କେରୀ ହଲ୍ଟନ, ୟୁକୋନ୍, ଓକ୍ଲାହାମା ୟୁ.ଏସ୍.ଏ.ର ଜଣେ ପ୍ରଚାରକ)

# ପୁତ୍ରତ୍ୱର ଅର୍ଥ
## (The meaning of sonship)

ପିତା ଓ ପରିବାର ଥିବା ବହୁତ ସୌଭାଗ୍ୟର ବିଷୟ । ବାସ୍ତବରେ ଆମ ଶାରୀରିକ ବାପା ପ୍ରେମୀ, ତତ୍ତ୍ୱାବଧାରକ ହୋଇଥାଆନ୍ତି । ତେବେ ଜୀବନ ପୂର୍ଣ୍ଣ ଓ ଐଶ୍ୱର୍ଯ୍ୟମୟ ହୋଇଥାଏ । ପରମେଶ୍ୱରଙ୍କ ସନ୍ତାନହୋଇ ତାଙ୍କର ପରିବାରର ସଦସ୍ୟ ହୋଇ ଯଦି ଯୀଶୁଖ୍ରୀଷ୍ଟଙ୍କ ମଣ୍ଡଳୀର ଅଂଶୀଦାର ହୋଇଥାଉ, ତେବେ ସତ୍ୟରେ ଆମ ଜୀବନ ପୂର୍ଣ୍ଣ ଓ ଐଶ୍ୱର୍ଯ୍ୟମୟ ହୋଇଥାଏ ।

ପୁତ୍ରତ୍ୱର ଲକ୍ଷଣ ଆମ ଠାରେ ସେତେବେଳେ ଦେଖାଯାଏ, ଯେତେବେଳେ ଆମେ ଜଳ ଓ ଆତ୍ମା (ଯୋହନ ୩:୩-୫, ପ୍ରେରିତ ୨:୩୮)ରୁ ଜନ୍ମନେଇ ଗୋଟିଏ ନୂତନ ସ୍ୱଭାବର ଅଧିକାରୀ ହୋଇଥାଉ । ପ୍ରେରିତ ଯୋହନ ଏହି ନୂତନ ସ୍ୱଭାବ ବିଷୟରେ କହନ୍ତି :

ଦେଖ, ପିତା ଆମ୍ଭମାନଙ୍କୁ କି ପ୍ରକାର ପ୍ରେମଦାନ କରିଅଛନ୍ତି, ଯେ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁ, ଆଉ ଆମ୍ଭେମାନେ ତାହାହିଁ ଅଟୁ । ଏହି ସକାଶେ ଜଗତ ଆମ୍ଭମାନଙ୍କୁ ଚିହ୍ନି ନାହିଁ, କାରଣ ତାହା ତାହାଙ୍କୁ ଚିହ୍ନି ନଥିଲା । ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁ । ଆଉ ଆମ୍ଭେମାନେ କଅଣ ହେବା, ତାହା ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ଆମ୍ଭେମାନେ ଜାଣୁ ଯେ, ସେ ଯେତେବେଳେ ପ୍ରକାଶିତ ହେବେ, ସେତେବେଳେ ଆମ୍ଭେମାନେ ତାହାଙ୍କ ସଦୃଶ ହେବା, କାରଣ ସେ ଯେପରି, ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା । ଆଉ ଯେକେହି ତାହାଙ୍କ ଠାରେ ଏହି ଭରସା ସ୍ଥାପନ କରିଅଛି, ସେ ଯେପରି ପବିତ୍ର ଅଟନ୍ତି, ସେ ସେହିପରି ଆପଣାକୁ ପବିତ୍ର କରେ । ଯେ କେହି ପାପ କରେ, ସେ ମଧ୍ୟ ବ୍ୟବସ୍ଥା ଲଂଘନ କରେ, କାରଣ ବ୍ୟବସ୍ଥା ଲଂଘନ ହିଁ ପାପ । ଆଉ ତୁମ୍ଭେମାନେ ଜାଣ ଯେ, ସେ ପାପ ବହି ନେଇଯିବା ପାଇଁ ପ୍ରକାଶିତ ହେଲେ ଆଉ ତାହାଙ୍କ ଠାରେ ପାପ ନାହିଁ । ଯେକେହି ତାହାଙ୍କ ଠାରେ ରହେ, ସେ ପାପ କରେ ନାହିଁ, ଯେକେହି ପାପ କରେ, ସେ ତାହାଙ୍କୁ ଦେଖେ ନାହିଁ । କିଅବା ତାହାଙ୍କୁ ଜାଣିନାହିଁ ।

ହେ ବତ୍ସଗଣ, କେହି ତୁମ୍ଭମାନଙ୍କୁ ଭ୍ରାନ୍ତ ନକରୁ, ଯେ ଧର୍ମାଚରଣ କରେ, ସେ ଯେପରି ଧାର୍ମିକ ଅଟନ୍ତି, ସେ ସେହିପରି ଧାର୍ମିକ ଅଟେ, ଯେ ପାପ କରେ, ସେ ଶୟତାନ ଠାରୁ ଜାତ, କାରଣ ଶୟତାନ ଆରମ୍ଭରୁ ପାପ କରିଆସୁଅଛି । ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ । ଯେକେହି ଈଶ୍ୱରଙ୍କ ଠାରୁ ଜାତ, ସେ ପାପ କରେ ନାହିଁ, କାରଣ ଈଶ୍ୱରଙ୍କ ବୀଜ ତାହାଠାରେ ରହେ, ଆଉ ସେ ଈଶ୍ୱରଙ୍କ ଠାରୁ ଜାତ ହେବାରୁ ପାପ କରିପାରେ ନାହିଁ । (୧ ଯୋହନ ୩:୧-୯)

ପ୍ରେରିତ ପାଉଲ ପୁତ୍ରତ୍ୱର ଚିହ୍ନ ବିଷୟରେ କହନ୍ତି ଆମ୍ଭେମାନେ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବା, ତାହା ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ହୁଏ । ଆମ୍ଭେମାନେ ପାପର ବନ୍ଧନରୁ ମୁକ୍ତ, ସ୍ୱର୍ଗସ୍ଥ ପିତାଙ୍କ ସହ ଆମ୍ଭମାନଙ୍କ ଘନିଷ୍ଠ ସମ୍ପର୍କ ଥାଏ । ପ୍ରେରିତ ପାଉଲ ଯାହା ଲେଖନ୍ତି ତାହା ବିବେଚନା କରନ୍ତୁ :-

ଅତଏବ, ହେ ଭାଇମାନେ, ଆମ୍ଭେମାନେ ଋଣୀ, କିନ୍ତୁ ଶାରୀରିକ ଭାବାନୁସାରେ ଜୀବନଯାପନ କରିବାକୁ ଶରୀର ନିକଟରେ ନୁହେଁ, କାରଣ ଯଦି ଶାରୀରିକ ଭାବାନୁସାରେ ତୁମ୍ଭେମାନେ ଜୀବନଯାପନ କର, ତେବେ ଅବଶ୍ୟ ମରିବ, କିନ୍ତୁ ଯଦି ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ, ଶରୀର କର୍ମସବୁକୁ ବିନାଶ କର, ତେବେ ଜୀବିତ ହେବ । ଯେଣୁ ଯେତେଲୋକ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଚାଳିତ ହୁଅନ୍ତି, ସେମାନେ ଈଶ୍ୱରଙ୍କ ସନ୍ତାନ । କାରଣ ତୁମ୍ଭେମାନେ ପୁନର୍ବାର ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇନାହଁ, କିନ୍ତୁ ପୁତ୍ରତ୍ୱର ଆତ୍ମା ପାଇଅଛ । ତଦ୍ୱାରା ଆମ୍ଭେମାନେ ଆବ୍ବା, ପିତଃ ବୋଲି ଡାକିଥାଉ । ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି, ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ ଅର୍ଥାତ୍ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ହେବା ନିମନ୍ତେ ଆମ୍ଭେମାନେ ତାହାଙ୍କ ସଙ୍ଗରେ ଦୁଃଖଭୋଗ କରୁ, ତେବେ ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହ ଉତ୍ତରାଧିକାରୀ ଅଟୁ । (ରୋମୀୟ ୮:୧୨-୧୭)

ପରମେଶ୍ୱରଙ୍କ ଜ୍ଞାନରୁ ଯୋଗାଯାଉଥିବା ଶୃଙ୍ଖଳା ଗ୍ରହଣ କରିବା ପୁତ୍ରତ୍ୱର ଲକ୍ଷଣ ଅଟେ । ଏବ୍ରୀ ପତ୍ରରେ ଲେଖକ ବ୍ୟାଖ୍ୟା କରନ୍ତି :-

ତୁମ୍ଭେମାନେ ପାପ ବିରୁଦ୍ଧରେ ଯୁଦ୍ଧ କରି ଏଯାଏ ରକ୍ତବ୍ୟୟ ପର୍ଯ୍ୟନ୍ତ ପ୍ରତିରୋ କରିନାହଁ, ଆଉ ପୁତ୍ରମାନଙ୍କ ପରି ତୁମ୍ଭମାନଙ୍କ ପ୍ରତି ଉକ୍ତ ଏହି ଉତ୍ସାହ ଭୁଲିଅଛ, ହେ ମୋହର ପୁତ୍ର, ପ୍ରଭୁଙ୍କ ଶାସନକୁ ଲଘୁ ଜ୍ଞାନ କରନାହିଁ, କିମ୍ବା ତାହାଙ୍କ ଦ୍ୱାରା ଅନୁଯୋ ପ୍ରାପ୍ତ ହେଲେ କ୍ଳାନ୍ତ ହୁଅନାହିଁ, କାରଣ ପ୍ରଭୁ ଯାହାକୁ ପ୍ରେମ କରନ୍ତି, ତାହାକୁ ପ୍ରହ କରନ୍ତି । ଶାସନ ଉଦ୍ଦେଶ୍ୟରେ ତ ତୁମ୍ଭେମାନେ କ୍ଳେଶ ସହ୍ୟ କରୁଅଛ, ଈଶ୍ୱର ତୁମ୍ଭମାନ ସହିତ ପୁତ୍ର ତୁଲ୍ୟ ବ୍ୟବହାର କରୁଅଛନ୍ତି, କାରଣ ପିତା ଯାହାକୁ ଶାସନ ନ କରନ୍ତି ଏପରି ପୁତ୍ର କିଏ ଅଛି ? କିନ୍ତୁ ଯେଉଁ ଶାସନର ସମସ୍ତେ ସହଭାଗୀ, ଯଦି ତୁମ୍ଭେମାନେ ସେଥିର ଅଂଶୀ ନୁହଁ । ତେବେ ତୁମ୍ଭେମାନେ ପୁତ୍ର ନହୋଇ ଜାରଜ ଅଟ । ଆହୁରି ମଧ୍ୟ, ଆମ୍ଭମାନଙ୍କ ଶାସନକାରୀ ଆମ୍ଭମାନଙ୍କ ଶାରୀରିକ ପିତୃଗଣଙ୍କୁ ଆମ୍ଭେମାନେ ସମାଦର କରୁ, ତେବେ ଆତ୍ମାମାନଙ୍କର ପିତାଙ୍କର କେତେ ଅଧିକରୂପେ ବଶୀଭୂତ ହୋଇ ଜୀବନ ପ୍ରାପ୍ତ ନହେବୁ ? କାରଣ ସେମାନଙ୍କୁ ଯେପରି ବିହିତ ବୋଧ ହେଲା, ତଦନୁସାରେ ସେମାନେ ଅଳ୍ପ ଦିନ ନିମନ୍ତେ ଆମ୍ଭମାନଙ୍କୁ ଶାସନ କଲେ, କିନ୍ତୁ ଆମ୍ଭେମାନେ ଯେପରି ତାହାଙ୍କର ପବିତ୍ରତାର ସହଭାଗୀ ହେଉ ଏଥିପାଇଁ ସେ ଆମ୍ଭମାନଙ୍କ ମଙ୍ଗଳ ନିମନ୍ତେ ଶାସନ କରନ୍ତି । ଶାସନ ବର୍ତ୍ତମାନ ଆନନ୍ଦଜନକ ବୋଧ ନହୋଇ ଦୁଃଖଜନକ ବୋଧ ହୁଏ । ତଥାପି ଯେଉଁମାନେ ତଦ୍ୱାରା ଶିକ୍ଷାପ୍ରାପ୍ତ ହୋଇଅଛନ୍ତି, ତାହାପରେ ସେମାନଙ୍କୁ ଶାନ୍ତିର ଫଳ ସ୍ୱରୂପ ଧାର୍ମିକତା ପ୍ରଦାନ କରେ ।

ପରମେଶ୍ୱରଙ୍କ ଧନ୍ୟ ହେଉ ଆମ ପିତା ପ୍ରତିଜ୍ଞା କରନ୍ତି, ଯଦି ଆମେ ତାହାଙ୍କର ଇଚ୍ଛା ପାଳନ କରିବା, ଯୀଶୁ ତାହାଙ୍କ ଅଦ୍ୱିତୀୟ ପୁତ୍ର, ଆମ୍ଭମାନଙ୍କ ଅଗ୍ରଜ ଭ୍ରାତା, ତାହାଙ୍କ ସହ ସ୍ୱର୍ଗର ଐଶ୍ୱର୍ଯ୍ୟର ସହଭାଗୀ ହେବା ।

- ***Gordon Hogan***

❋❋❋

(ଗରଡନ୍ ହୋଗାନ୍ ସିଙ୍ଗାପୁରରେ ମିସ୍‌ନେରୀ ଭାବେ ଅନେକବର୍ଷ କାର୍ଯ୍ୟ କରି ବର୍ତ୍ତମାନ ଆରକାନ୍‌ସାସ୍, ୟୁ.ଏସ୍.ଏ., ହାର୍‌ଡିଙ୍ଗ ବିଶ୍ୱବିଦ୍ୟାଳୟର ମିସ୍‌ନେରୀ-ଇନ୍-ରେସିଡେନ୍‌ସ)

# ସ୍ଥିର ହୁଅ ଓ ପରମେଶ୍ୱରଙ୍କୁ ଜାଣ
## (Be Quiet And Listen to God)

ପରମେଶ୍ୱରଙ୍କ ଗୀତ ରଚକ କହନ୍ତି, "ସ୍ଥିର ହୁଅ, ଆମ୍ଭେ ପରମେଶ୍ୱର ଅଟୁ, ଏହା ଜାଣ, ଆମ୍ଭେ ଦେଶୀୟମାନଙ୍କ ମଧ୍ୟରେ ଉନ୍ନତ ହେବୁ, ଆମ୍ଭେ ପୃଥିବୀରେ ଉନ୍ନତ ହେବୁ ।" (ଗୀ.ସଂ. ୪୬:୧୦) ହବକ୍କୂକ କହନ୍ତି, "ସଦାପ୍ରଭୁ ଆପଣା ପବିତ୍ର ମନ୍ଦିରରେ ଅଛନ୍ତି, ସମୁଦାୟ ପୃଥିବୀ ତାହାଙ୍କ ଛାମୁରେ ନୀରବ ରହୁ ।" (ହବ ୨:୨୦) ସ୍ଥିରତା ହୋଇ ରହିବା ଅର୍ଥ ମନୁଷ୍ୟମାନଙ୍କ କାର୍ଯ୍ୟକଳାପରେ ବିଚଳିତ ନହୋଇ ନିଜ ଜୀବନରେ ସ୍ଥିର ହୋଇ ରହିବା । ଅନେକେ ନୀରବ ହୋଇ ରହିପାରନ୍ତି ନାହିଁ କାରଣ ଦିନର ଚବିଶ ଘଣ୍ଟା ମଧ୍ୟରେ ସେମାନଙ୍କ ଲାଗି ଛତିଶଘଣ୍ଟାର କାର୍ଯ୍ୟ ବ୍ୟସ୍ତତା ଥାଏ । ସେମାନେ ଜଗତ ବିଷୟରେ ଏପରି ଚଢ଼ିତ ଥାଆନ୍ତି ଯେ ଅନ୍ୟ କୌଣସି ବିଷୟ ପ୍ରତି ସେମାନଙ୍କ ଧ୍ୟାନ ନଥାଏ ।

ନିଜର ଭାବପ୍ରବଣତା ଓ ମନରଭାବକୁ ନିଜ ଜୀବନକୁ ଦମନ କରିବା ସକାଶେ ସୁଯୋଗ ନଦେବା ହେଉଅଛି ସ୍ଥିରତା । ଅନେକେ ନିଜର ଭାବପ୍ରବଣତା ଓ ମନର ଭାବ ଦ୍ୱାରା ଏପରି ନିୟନ୍ତ୍ରିତ ହୁଅନ୍ତି ଅନ୍ୟ କୌଣସି ବିଷୟ ସକାଶେ ସେମାନେ ଖୋଲାଖୋଲି ଭାବେ ସମୟ ଦିଅନ୍ତି ନାହିଁ ଏପରିକି ପରମେଶ୍ୱରଙ୍କ ଲାଗି ମଧ୍ୟ । ନିଜର ଭାବପ୍ରବଣତା ଓ ମନର ଭାବ ଦ୍ୱାରା ପରିଚାଳିତ ହୋଇ ଆତ୍ମକେନ୍ଦ୍ରିୟ ଓ ସ୍ୱାର୍ଥପର ବ୍ୟକ୍ତି ହୁଅନ୍ତି । ପ୍ରକୃତି, ପରିସ୍ଥିତିରେ ବନ୍ଧାହୋଇ ତାକୁ ନିୟନ୍ତ୍ରଣ କରିନପାରିଲେ ମଧ୍ୟ ବିଚଳିତ ହୋଇ ଅନ୍ୟର ନିନ୍ଦା କରି ବିଚାର ନକରିବା ହେଉଅଛି ସ୍ଥିରତା । ଅନ୍ୟର ନିନ୍ଦା-ପରିସ୍ଥିତିର ନିନ୍ଦା-ପରମେଶ୍ୱରଙ୍କ ନିନ୍ଦା । ଜଣକୁ ପରମେଶ୍ୱରଙ୍କ ସମ୍ମୁଖରେ ସ୍ଥିର ହେବାକୁ ବଞ୍ଚିତ କରେ ।

ପରମେଶ୍ୱରଙ୍କୁ ଶୁଣିବା, ଶାସ୍ତ୍ର ମଧ୍ୟକୁ ଯିବା (ଦ୍ୱିତୀୟ ତୀମଥି ୩:୧୬,୧୭) ସାଧୁମାନଙ୍କ ନିକଟରେ ଏକାଥରକେ ସମର୍ପିତ ସତ୍ୟ ମଧ୍ୟକୁ ଯିବା (ଯିହୂଦା ୩ ପଦ) ମନୁଷ୍ୟମାନଙ୍କ ରୀତିନୀତିକୁ ତ୍ୟାଗ କରି ପରମେଶ୍ୱରଙ୍କ ବାକ୍ୟ (ବାଇବଲ)କୁ ଜାଣିବା । ପରମେଶ୍ୱରଙ୍କୁ ଶୁଣିବା ଅର୍ଥ ତାହାଙ୍କ ବ୍ୟବସ୍ଥା ଦିବାରାତ୍ର ଧ୍ୟାନ କରିବା, ଦୈନନ୍ଦିନ ଜୀବନର କାର୍ଯ୍ୟକଳାପରେ ପ୍ରକୃତରେ ପରମେଶ୍ୱରଙ୍କ ଇଚ୍ଛା ସଫଳ କରିବା ।

ଭାବପ୍ରବଣତା, ଭାବନା, କି ଅନ୍ୟ କୌଣସି ବିଷୟକୁ ପରମେଶ୍ୱରଙ୍କ ବାକ୍ୟକୁ ତୁଚ୍ଛ କରିବା ସକାଶେ ସୁଯୋଗ ନଦେବା । ସ୍ୱପ୍ନ, ଦର୍ଶନ, ମେଘାଚ୍ଛନ୍ନ, ଅସାମାନ୍ୟ, ଅଚିହ୍ନା, ଅଜଣା ସ୍ୱର ପରମେଶ୍ୱରଙ୍କ ବାକ୍ୟକୁ ପରିବର୍ତ୍ତନ କରିପାରିବ ନାହିଁ । ଏପରିକି ଉତ୍ତମ ବିବେକ ମଧ୍ୟ ବାକ୍ୟକୁ ପରିବର୍ତ୍ତନ କରିପାରିବ ନାହିଁ । ପରମେଶ୍ୱରଙ୍କ ଲିଖିତ ବାକ୍ୟ ନିଜ ଜୀବନରେ ବ୍ୟବହାର କରିବା ସକାଶେ ନିଜକୁ ସଂପୂର୍ଣ୍ଣ ମୁକ୍ତ ରଖିବା । ଜଣେ ବିଚାରକଲାବେଳେ, ଅନ୍ୟ ଜଣେ ତାହା ବୁଝେ । ଜଣେ ପ୍ରତ୍ୟାଖ୍ୟାନ କଲାବେଳେ ଅନ୍ୟଜଣେ ବ୍ୟବହାର କରେ । ଜଣେ ବିଳମ୍ବ କଲାବେଳେ, ଅନ୍ୟ ଜଣେ ଅତିଶୀଘ୍ର ବିନିଯୋଗ କରେ ।

ସ୍ଥିର ହୋଇ ପରମେଶ୍ୱରଙ୍କୁ ଜାଣିବା ସକାଶେ ବାଇବଲ, ପରମେଶ୍ୱରଙ୍କ ବାକ୍ୟ ମଧ୍ୟକୁ ଯାଇ ପାଳନ କରିବା ।

***- Gordon Hogan***

❋❋❋

(ବିଲ୍ କିଲ୍‌ଲେ ବ୍ରକେନ୍ ଏରୋ, ଆକ୍‌ଲାହୋମା, ୟୁ.ଏସ୍.ଏ. ପ୍ରଭୁଙ୍କ ମଣ୍ଡଳୀର ଜଣେ ପ୍ରଚାରକ)

# "ଆନନ୍ଦ"ର ଡକାୟତମାନେ
## (Robbers of Joy)

ଫିଲିପୀୟ ପୁସ୍ତକରେ ପାଉଲ "ଆନନ୍ଦ" ଶବ୍ଦ ପ୍ରାୟ ୧୯ ଥର ବ୍ୟବହାର କରିଅଛନ୍ତି । ପ୍ରକୃତରେ ଏହି ପୁସ୍ତକର ଶିରୋନାମା "ଆନନ୍ଦପୂର୍ଣ୍ଣ ଖ୍ରୀଷ୍ଟିୟ ମନ ପ୍ରୟୋଗ କଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

ଖ୍ରୀଷ୍ଟଙ୍କ ଠାରେ ଥିବା ଆନନ୍ଦ ପାଉଲ ନିଜ ଜୀବନରୁ ହରାଇନଥିଲେ । ଆମ୍ଭେମାନେ ମଧ୍ୟ ସେହିଖ୍ରୀଷ୍ଟଙ୍କ ପ୍ରେମକୁ ହରାଇବା ନାହିଁ । ପାଉଲ "ପରିସ୍ଥିତି"କୁ ସୁଯୋଗ ଦେଲେ ନାହିଁ। ତାଙ୍କର ଆନନ୍ଦକୁ ହରଣ କରିବା ସକାଶେ । ସେ କାରାଗାରରେ ଖ୍ରୀଷ୍ଟଙ୍କ ନିମନ୍ତେ ବନ୍ଧନ ଥିଲେ । ତାହା ରାଜପ୍ରାସାଦର ସମୁଦାୟ ସୈନ୍ୟଦଳ ଓ ଅନ୍ୟାନ୍ୟ ସମସ୍ତଙ୍କ ନିକଟରେ ସୁସମାଚାରକୁ ପ୍ରକାଶ କଲା । (୧:୧୩) ଏପରିକି ଅବିଶ୍ୱସ୍ତ ଭାଇମାନଙ୍କୁ ସେ ସୁଯୋଗ ଦେଲେ ନାହିଁ ନିଜ ଠାରେ ଥିବା ଖ୍ରୀଷ୍ଟଙ୍କ ଆନନ୍ଦକୁ ହରଣ କରିବାକୁ । ସେ କହନ୍ତି "କପଟଭାବରେ ହେଉ ବା ସରଳଭାବରେ ହେଉ,

ଯେ କୌଣସି ପ୍ରକାରେ ଖ୍ରୀଷ୍ଟ ପ୍ରଚାରିତ ହେଉଅଛନ୍ତି, ଏଥିରେ ମୁଁ ଆନନ୍ଦ କରୁଅଛି, ହଁ ଆନନ୍ଦ କରିବି (୧:୧୮) ।

ପାଉଲ ଲୋକମାନଙ୍କ ସମସ୍ୟାକୁ ତାଙ୍କର ଆନନ୍ଦକୁ ହରଣ କରିବାକୁ ଦେଲେ ନାହିଁ । ସେ ଭାଇମାନଙ୍କୁ ବୁଝାଇଲେ, ''ତୁମ୍ଭେମାନେ ଏକମନା, ଏକ ପ୍ରେମରେ ପ୍ରେମୀ, ଏକଚିତ୍ତ ଓ ଏକଭାବାପନ୍ନ ହୋଇ ମୋହର ଆନନ୍ଦ ପୂର୍ଣ୍ଣ କର । ଆମ୍ଭେମାନେ ଖ୍ରୀଷ୍ଟିୟାନ, ତେଣୁ ''ସ୍ୱାର୍ଥପରତା ଅବା ଅସାରପର୍ବ ହେତୁ କିଛି ନକରି ଆମ ଆନନ୍ଦକୁ ହରଣ କରିବାକୁ ନଦେଇ, ''ବରଂ ନମ୍ରଚିତ୍ତ ହୋଇ ପ୍ରତ୍ୟେକେ ଅନ୍ୟକୁ ଆପଣା ଠାରୁ ଶ୍ରେଷ୍ଠ ମନେକରିବା (୨:୩) । ପାଉଲ ତାହାଙ୍କ ଅତୀତ କି ବର୍ତ୍ତମାନର ଗୌରବକୁ ତାଙ୍କର ଆନନ୍ଦକୁ ହରଣ କରିବାକୁ ଦେଲେ ନାହିଁ । ସେ ଲେଖନ୍ତି,''କାରଣ ଆମ୍ଭେମାନେ ପ୍ରକୃତରେ ସୁନ୍ନତପ୍ରାପ୍ତ, ଆମ୍ଭେମାନେ ଈଶ୍ୱରଙ୍କ ଆତ୍ମାରେ ଉପାସନା କରୁ, ପୁଣି ବାହ୍ୟିକ ବିଷୟ ଉପରେ ନିର୍ଭର ନକରି ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଆନନ୍ଦ କରୁ (୩:୩) । ସେ ନିଜର ଅତୀତ ଜୀବନର ବ୍ୟବସ୍ଥାଗତ ଧାର୍ମିକତା ସମ୍ବନ୍ଧରେ ଗର୍ବ କରିପାରିଥାନ୍ତେ, କିନ୍ତୁ ସେ କହନ୍ତି, ''କିନ୍ତୁ ଯାହାସବୁ ମୋ ପକ୍ଷରେ ଲାଭଜନକ ଥିଲା, ସେହିସବୁ ମୁଁ ଖ୍ରୀଷ୍ଟଙ୍କ ନିମନ୍ତେ କ୍ଷତିଜନକ ବୋଲି ଗଣ୍ୟ କରିଅଛି । (୩:୭) ।

ପାଉଲ ''ବ୍ୟସ୍ତତା''କୁ ନିଜ ଜୀବନର ଆନନ୍ଦକୁ ହରଣ କରିବା ଲାଗି ଦେଲେ ନାହିଁ । ଆମ୍ଭମାନଙ୍କୁ ଉତ୍ସାହିତ କରି କହନ୍ତି, ''ସର୍ବଦା ପ୍ରଭୁଙ୍କ ଠାରେ ଆନନ୍ଦକର, ପୁନଶ୍ଚ କହୁଅଛି, ଆନନ୍ଦକର । ତୁମ୍ଭମାନଙ୍କର ମୃଦୁପଣ ସମସ୍ତ ଲୋକଙ୍କ ନିକଟରେ ପ୍ରକାଶିତ ହେଉ । ପ୍ରଭୁ ନିକଟବର୍ତ୍ତୀ କୌଣସି ବିଷୟରେ ଚିନ୍ତିତ ହୁଅନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନସବୁ ଈଶ୍ୱରଙ୍କ ନିକଟରେ ଜଣାଅ (୪:୪-୬) । ବ୍ୟସ୍ତତା କିମ୍ବା ବ୍ୟାକୁଳତାକୁ ଆମ୍ଭେମାନେ ଆମ୍ଭମାନଙ୍କ ବହୁମୂଲ୍ୟ ସମୟ, ବ୍ୟକ୍ତି ଓ ଆନନ୍ଦକୁ ହରଣ କରିବାକୁ ଦେବାନାହିଁ । ଯଦି ଆନନ୍ଦର କୌଣସି କାରଣଥାଏ, ତାହା ହେଉଅଛି ଖ୍ରୀଷ୍ଟିୟାନ, ଯିଏ ଖ୍ରୀଷ୍ଟଙ୍କ ରକ୍ତରେ ପରିତ୍ରାଣ ଗ୍ରହଣ କରି, ସ୍ୱର୍ଗୀୟ ଭରସାରେ ଜୀବନଯାପନ କରେ ।

***- Jerry L. Davidson***

❋❋❋

(ଜେରି ଏଲ୍. ଡେଭିଡ୍‌ସନ୍, ଫ୍ଲରେନ୍‌ସ, ଆଲାବାମା, ୟୁ.ଏସ୍.ଏ.ର ହେରିଟେଜ୍ ଖ୍ରୀଷ୍ଟିୟାନ ବିଶ୍ୱବିଦ୍ୟାଳୟର ଜଣେ ଶିକ୍ଷକ)

# ଉନ୍ନତ ହେବା ନିମନ୍ତେ ଅନବତ ହୁଅ
## (Go down to go up)

ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କ ନିକଟକୁ ସ୍ୱର୍ଗାରୋହଣ କରିବା ପୂର୍ବେ ପୃଥିବୀରେ ନମ୍ରତାର ଜୀବନଯାପନ କରିଥିଲେ । ସେ ଆପଣା ସ୍ୱର୍ଗୀୟ ପିତାଙ୍କ ଗୃହ ତ୍ୟାଗ କରି ଜଗତରେ ଜନ୍ମଗ୍ରହଣ କରିଥିଲେ । ସ୍ୱର୍ଗର ଐଶ୍ୱରିକ ଜୀବନ ତ୍ୟାଗ କରି ଏକ ସାମାନ୍ୟ ମନୁଷ୍ୟର ଶରୀର ଧାରଣ କରିଥିଲେ । ଅନେକଙ୍କର ସେବା ପରିଚର୍ଯ୍ୟା ପରେ ଏକ କଠୋର କ୍ରୁଶ ଉପରେ ଆପଣା ପ୍ରାଣତ୍ୟାଗ କରିଥିଲେ । ତାହାଙ୍କ ଶରୀର ପୃଥିବୀର ଏକ ଗୁହାରେ ସମାଧିପ୍ରାପ୍ତ ହୋଇଥିଲା ।

ସେହି ସମାଧିରୁ ପରମେଶ୍ୱର ତାହାଙ୍କୁ ପୁନଃଜୀବନ କରିଥିଲେ । ସେ ଯୀଶୁଙ୍କୁ ସର୍ବୋତ୍କୃଷ୍ଟ ସ୍ଥାନ ଆପଣା ପାର୍ଶ୍ୱରେ ସ୍ଥାପନ କରି, ସର୍ବୋତ୍କୃଷ୍ଟ ନାମର ଅଧିକାରୀ କରିଅଛନ୍ତି ।

ଆମ୍ଭେମାନେ ମଧ୍ୟ ସ୍ୱର୍ଗାରୋହଣ କରିବା ନିମନ୍ତେ ନୀଚସ୍ଥ ପୃଥିବୀରେ ନମ୍ରତାର ଜୀବନଯାପନ କରୁ । ସେ ଆମ୍ଭମାନଙ୍କୁ ଆଗେଇ ଯିବା ନିମନ୍ତେ ଆହ୍ୱାନ ଜଣାନ୍ତି । ଫିଲିପ ମଣ୍ଡଳୀର ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ କହନ୍ତି,''ପଶ୍ଚାଦ୍ ବିଷୟସବୁ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ପ୍ରାଣପଣ କରି ଲକ୍ଷ୍ୟସ୍ଥଳକୁ ଦୌଡ଼ିଅଛି । (ଫିଲିପୀ ୩:୧୪) ସେ ସର୍ବସୃଷ୍ଟିରେ ସୁସମାଚାର ପ୍ରଚାର କରି ପ୍ରତ୍ୟେକ ମନୁଷ୍ୟକୁ ସୁମାଚାର ଦ୍ୱାରା ଆହ୍ୱାନ ଜଣାନ୍ତି ।'' ଏଥି ସକାଶେ ମଧ୍ୟ ସେ ଆମ୍ଭମାନଙ୍କ ସୁସମାଚାର ଦ୍ୱାରା ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଗୌରବ ପ୍ରାପ୍ତି ନିମନ୍ତେ ତୁମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି ।'' (୨ୟ ଥେସ ୨:୧୪)

ବାପ୍ତିସ୍ମ ଗ୍ରହଣ କରିବା ଅବତରଣର ପ୍ରଥମ ପାହାଚ । ଆମ୍ଭେମାନେ ଯେ ପାପୀ, ଏହା ନମ୍ରହୃଦୟରେ ବିଶ୍ୱାସ କରୁ । ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କ ବିଶ୍ୱାସ ସ୍ୱୀକାର କରି, ଖ୍ରୀଷ୍ଟ ସମାଧି ଗ୍ରହଣ କରିବା ସଦୃଶ୍ୟ ଆମ୍ଭେମାନେ ଜଳରେ ସମାଧି ହୋଇ ବାପ୍ତିଜିତ ହେଉ । ପାଉଲ କହନ୍ତି,''ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧି ହୋଇ ବାପ୍ତିଜିତ ହେଉ । ପାଉଲ କହନ୍ତି,''ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ ।

ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥାପିତ ହେଲେ ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ । କାରଣ ଯଦି ଆମ୍ଭେମାନେ ତାହାଙ୍କ ମୃତ୍ୟୁର ସାଦୃଶ୍ୟରେ ମୃତ୍ୟୁଭୋଗ କରି ତାହାଙ୍କ ସହିତ ଏକୀଭୂତ ହୋଇଅଛୁ, ତାହାହେଲେ ନିଶ୍ଚୟ ତାହାଙ୍କ ପୁନଃରୁତ୍ଥାନର ସାଦୃଶ୍ୟରେ ମଧ୍ୟ ଉତ୍ଥିତ ହୋଇ ତାହାଙ୍କ ସହିତ ଏକୀଭୂତ ହେବା ।'' (ରୋମୀୟ ୬:୪-୫) ଯଦି ଆମ୍ଭେମାନେ ମୃତ୍ୟୁ ପର୍ଯ୍ୟନ୍ତ ବିଶ୍ୱସ୍ତ ରହୁ । ସେ ଆମ୍ଭମାନଙ୍କୁ ନିତ୍ୟଜୀବନ ପ୍ରଦାନ କରିବେ । (ଯୋହନ ୫:୨୮-୨୯)

ପ୍ରେରିତ ପାଉଲ ଫିଲୀପୀୟ ମଣ୍ଡଳୀକୁ ଲେଖନ୍ତି,''ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେହିପରି ମନ ହେଉ । ସେ ଈଶ୍ୱରରୂପୀ ହେଲେ ହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ, କିନ୍ତୁ ମନୁଷ୍ୟ ସଦୃଶ୍ୟ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ, ପୁଣି, ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହିଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କରେ । ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି ।'' (ଫିଲିପ ୨:୫-୯)

''.......ଈଶ୍ୱର ଅହଂକାରୀମାନଙ୍କୁ ପ୍ରତିରୋଧ କରି ନମ୍ର ଲୋକମାନଙ୍କୁ ଅନୁଗ୍ରହ କରନ୍ତି ।'' (୧ମ ପିତର ୫:୫)

❋❋❋

**Edited & Published by : Kabita & Joshua Gootam**

# HAVE WE FORGOTTEN ?

Deuteronomy 6:10-12

**PURPOSE** : To Show the importance of remembering what your purpose in life is.

**I.Have we forgotten that our greatest need is the forgiveness of sins (Mark 8:36-37)?**

A. Sin separates us from God and condemns us to hell (Isaiah 59:1,2; Romans 6:23; Revelation 21:8).

1. Each of us must deal with sin (Romans 3:23).
2. Are you forgiven (Hebrews 11:6; Acts 17:30; Acts 8:37;Acts 2:38)?

**II.Have We forgotten the price that was paid for our sins?**

(1 Corinthians 6:20; 1 Peter 1:19)?

A. When we remember and understand what has been done for us it will change our lives (1 John 4:19).

1. Matthew 1:21; John 1:29; John 3:16; Luke 19:10; Luke 22:41-44; 1 Peter 2:24; Revelation 1:5; 1 Timothy 1:15.
2. Are you remembering what Jesus has done for you (John 14:15;15:14)?

**III. Have we forgotten that Christians are different from the world (1 John 2:15-17)?**

A.Far too many are worshipping on Sunday and living like the devil on Monday (James 4:4).

1. We must be righteous people (Romans 12:1,2;

Galatians 5:24).

2. What kind of life are you living?

**IV. Have we forgotten there is a heaven and hell (Matthew 25:46; John 14:1-3; Acts 1:11 Matthew 23:33)?**

A. Most people have put eternity on the back burner --it is not important to them or they do not even believe it exists (Daniel 2:28).

1.What do heaven and hell mean to you?

2.You are going to one of these places!

**CONCLUSION**: "*Remember now thy creator* ... "are great words. Are you remembering?

**Ken Tyler**

FROM :

SATYA VANI
P.O.BOX.80,
KAKINADA - 533 001.

PRINTED BOOK ONLY

To

(FOR PRIVATE CIRCULATION ONLY)